## ସାଲେପୁର କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ



**ନିଶ୍ଚିନ୍ତକୋଇଲି, ୨୬।୧୨(ସମିସ):** ପବିତ୍ର ବଡ଼ଦିନ ଅବସରରେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୮୮ ମସିହା ଗ୍ରାଜୁଏଟ୍ ବ୍ୟାଚ୍ (ସୈକତିନୀ)ର ଛାତ୍ରଛାତ୍ରୀଙ୍କୁ ନେଇ ଏକ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଛି। ବିଗତ ୧୦ ବର୍ଷ ଧରି ଚାଲିଆସୁଥିବା ଏହି ସମାବେଶରେ ଚଳିତ ବର୍ଷ ବହୁ ଛାତ୍ରଛାତ୍ରୀମାନେ ଯୋଗଦେଇ କଲେଜର ଶୈକ୍ଷିକ ପରିବେଶକୁ ସମୃଦ୍ଧି କରିବା ସହିତ ପ୍ରତ୍ୟେକ ବର୍ଷ ଡିଗ୍ରୀ କଲେଜର ଚୂଡ଼ାନ୍ତ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆଲୋଚନା କରାଯାଇଥିଲା। ଆସନ୍ତା ବାର୍ଷିକ ସମାବେଶରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସମ୍ମାନ ପ୍ରଦାନ କରାଯାଇ ସେମାନଙ୍କ ଆଶୀର୍ବାଦ ଗ୍ରହଣ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଛାତ୍ର ପରେଶ ସାହୁ, ଜିତେନ୍ଦ୍ର କର, ରମାକାନ୍ତ ପରିଡ଼ା, ମନୋଜ ମହାନ୍ତିଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ରନାଥ ତ୍ରିପାଠୀ, ଶାଶ୍ୱତ ଜେନା, ଗୋପାଳ ଶତପଥୀ, ପ୍ରଫୁଲ୍ଲ ଲେଙ୍କା, ହରେକୃଷ୍ଣ ବେହେରା, ସୁରେନ୍ଦ୍ରନାଥ ରାଉତ, ସଚ୍ଚିଦାନନ୍ଦ ବେହେରା, ନରେନ୍ଦ୍ରନାଥ ସାହୁ, ପ୍ରହଲ୍ଲାଦ ଜେନା, ଶୈଳେନ୍ଦ୍ର ଷଡଙ୍ଗୀ, ରବୀନ୍ଦ୍ର ପ୍ରଧାନ, ପ୍ରତାପ ଷଡଙ୍ଗୀ, ଛାତ୍ରୀ ମମତା ସାହୁ, ହିରଣ୍ୟମୟୀ ଶତପଥୀ, ସବିତା ନାୟକ, ମଧୁଛନ୍ଦା ପ୍ରଧାନ, ଅନୀମା ପଣ୍ଡା, ବ୍ରଜଶ୍ରୀ ମହାନ୍ତି, ନୟନା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ଦିଲ୍ଲୀପ ସ୍ୱାଇଁ ଓ ଯଶୋବନ୍ତ ସାମଲଙ୍କ ସମେତ ବହୁ ଛାତ୍ରଛାତ୍ରୀ ସମାବେଶରେ ଯୋଗଦେଇ ନ ଥିବାରୁ ସମସ୍ତେ ସେମାନଙ୍କର ଅଭାବକୁ ଉପଲବ୍ଧି କରିଥିଲେ। ଏକ ପଂକ୍ତି ଭୋଜନର ଆୟୋଜନ କରାଯାଇଥିଲା।

### ସିଂହନାଥ ପୀଠ ମାଟିରାସ୍ତା ଧୋଇଯିବା ଘଟଣା

## ବିଲ୍ ବନ୍ଦ ସହ ବ୍ଲାକ୍‌ଲିଷ୍ଟ ପାଇଁ ଚିଠି

**ବଡ଼ମ୍ବା, ୨୬।୧୨(ସମିସ)**

ବଡ଼ମ୍ବା ସିଂହନାଥ ପୀଠର ଅସମ୍ପୂର୍ଣ୍ଣ ମାଟିରାସ୍ତା ନିର୍ମାଣକୁ ନେଇ ଚାଲିଥିବା ବିବାଦ ଉପରୁ ପରଦା ହଟାଇଛନ୍ତି ବିଧାୟକ ବିଜୟ କୁମାର ଦଳବେହେରା। ଗତ ଜାନୁଆରୀ ୧୪ ତାରିଖ ମକର ମେଳା ସମୟରେ ଗୋପୀନାଥପୁର

### ଠିକାଦାରଙ୍କ ଉପରେ ବର୍ଷିଲେ ବିଧାୟକ




ପାର୍ଶ୍ୱରେ ଭକ୍ତ ଓ ଉଠା ଦୋକାନୀଙ୍କ ସୁବିଧା ପାଇଁ ଏକ ଅସ୍ଥାୟୀ ମାଟିରାସ୍ତା ନିର୍ମାଣ କରାଯାଇଥିଲା। ତେବେ ଉକ୍ତ ରାସ୍ତାଟି ମେଳା ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିବାରୁ ଏହାକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ତୀବ୍ର ବାଦବିବାଦ ସୃଷ୍ଟି ହୋଇଥିଲା। ଏହି ଅସମ୍ପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ସେତେବେଳେ ପ୍ରଶାସନ କେବଳ ଟି-ସେତୁ ଉପରେ ନିର୍ଭର କରି ଶୃଙ୍ଖଳିତ ଭାବେ ମେଳା ସମ୍ପନ୍ନ କରିଥିଲେ ହେଁ, ଠିକାଦାରଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଥିଲା। ଗତ ବୁଧବାର ସିଂହନାଥ ପୀଠରେ ଆୟୋଜିତ ଆସନ୍ତା ବର୍ଷର ମକର ମେଳା ପ୍ରସ୍ତୁତି ବୈଠକରେ ଏହି ପୁରୁଣା ପ୍ରସଙ୍ଗ ପୁଣି ଉଠିଥିଲା। ସାମ୍ବାଦିକମାନେ ଅସମ୍ପୂର୍ଣ୍ଣ ମାଟିରାସ୍ତା ଓ ଠିକାଦାରଙ୍କ ପ୍ରତି କୋହଳ ମନୋଭାବ ଉପରେ ବିଧାୟକଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ବିଧାୟକ ଶ୍ରୀ ଦଳବେହେରା କହିଛନ୍ତି ଯେ ସମ୍ପୃକ୍ତ ଠିକାଦାରଙ୍କୁ ବ୍ଲାକ୍‌ଲିଷ୍ଟ (କଳା ତାଲିକାଭୁକ୍ତ) କରିବା ପାଇଁ ପୂର୍ବରୁ ଚିଠି କରାଯାଇଛି ଏବଂ ତାଙ୍କର ବିଲ୍ ମଧ୍ୟ ବନ୍ଦ ରଖାଯାଇଥିଲା। ରାସ୍ତା ନିର୍ମାଣରେ ଯେତିକି ପରିମାଣର ମାଟି କାମ ହୋଇଥିଲା, କେବଳ ସେତିକି ଅର୍ଥ ହିଁ ପ୍ରଦାନ କରାଯାଇଛି। ସୂଚନାଧିକାର ଆଇନ ମାଧ୍ୟମରେ ଏହାର ସବିଶେଷ ତଥ୍ୟ ଯେକେହି ବି ଜାଣିପାରିବେ ବୋଲି ସେ ସୂଚନା ଦେଇଛନ୍ତି। ଅନିୟମିତତା କରୁଥିବା ବ୍ୟକ୍ତିଙ୍କ ପ୍ରତି କୌଣସି ଅନୁକମ୍ପା ଦେଖାଯିବ ନାହିଁ ଏବଂ ଆଗାମୀ ମେଳା ପାଇଁ ସମସ୍ତ ବ୍ୟବସ୍ଥା ଯେପରି ସୁଚାରୁରୂପେ ହେବ, ସେଥିପାଇଁ ପ୍ରଶାସନକୁ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

## ଧାନ ମଣ୍ଡି ସମ୍ପର୍କିତ ସଚେତନତା ଶିବିର

**କିଶନନଗର, ୨୬।୧୨(ସମିସ):** ଆଗାମୀ ଦିନରେ ଚାଷୀମାନେ ମଣ୍ଡିରେ କିପରି ସୁଚାରୁରୂପେ ଧାନ ଦେଇପାରିବେ ସେଥିପାଇଁ ଆଜି ଗୁରୁବାର ଦିନ କଟକ ସଦର ଅନ୍ତର୍ଗତ ଅରିଲୋ କୃଷକ ସେବା ସମବାୟ ସମିତି ପକ୍ଷରୁ ଏକ ସଚେତନତା ଶିବିର ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି କୈଳାସଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ପ୍ରଦୀପ୍ତ ଦାସଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ଚାଷୀ, ଡାଇରେକ୍ଟର ବୋର୍ଡ ମେମ୍ବର ଓ କ୍ରୟ କମିଟି ସଭ୍ୟମାନଙ୍କ ସହିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସୁବାସଚନ୍ଦ୍ର ସ୍ୱାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୋମପୁର ମଣ୍ଡିଠାରେ ଧାନ କ୍ରୟ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରଯାଇଥିଲା। କୈଳାସ ଚନ୍ଦ୍ର ପରିଡ଼ା, କେଶବଚନ୍ଦ୍ର ଲେଙ୍କା, ରମେଶଚନ୍ଦ୍ର ଶତପଥୀ, ମହମ୍ମଦ ସକିଲ, ଅକ୍ଷୟ ସାହୁ, ଶକ୍ତି ପ୍ରସାଦ ସ୍ୱାଇଁ, ଜୟରାମ ପରିଡ଼ା, ଅଜୟ ବେହେରା, ରମେଶ ପ୍ରସାଦ ନନ୍ଦ ପ୍ରମୁଖ ବହୁ ଚାଷୀ ମତ ରଖିଥିଲେ। ସମ୍ପାଦକ ପ୍ରଦୀପ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




**ଫୁଲନଖରା, ୨୬।୧୨(ସମିସ):** ଫୁଲନଖରା ନିକଟସ୍ଥ ଇଷ୍ଟ କଲେଜ୍ କ୍ୟାମ୍ପସରେ ପାୟୋନିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନୋଭେଟିଭ୍ ଏଜୁକେସନ (ପାଇ) ପକ୍ଷରୁ ସ୍କଲାର ଡିସ୍କଭରି ସମ୍ମିଟ୍-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଭିତରେ ବୌଦ୍ଧିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜିଲ୍ଲାରେ ପ୍ରାୟ ୪୧୬ଟି ସରକାରୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷାରେ ବିଦ୍ୟାଳୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ପ୍ରମାଣପତ୍ର ସହ ଉମାକାନ୍ତ ମିଶ୍ର ସ୍ମାରକୀ ମେଡାଲ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଚେୟାରପର୍ସନ ସାକିରା ବେଗମ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଇଷ୍ଟର ପରିଚାଳନା ନିର୍ଦ୍ଦେଶିକା ସୁନିତା ବରାଳ, ନିର୍ଦ୍ଦେଶକ ଗୌରୀଶଙ୍କର ପଟ୍ଟନାୟକ, ଯୁକ୍ତ ଦୁଇ ବିଜ୍ଞାନ କଲେଜ୍‌ର ଅଧ୍ୟକ୍ଷ ଡଃ ରଶ୍ମି ମହାନ୍ତି, ସିଏଓ ନିକୁଞ୍ଜ ବିହାରୀ ମିଶ୍ର, ବିପିନ୍ ବିହାରୀ ମିଶ୍ର, ଅତିରିକ୍ତ ପ୍ରଶାସନିକ ଅଧିକାରୀ ରାକେଶ ପଟ୍ଟନାୟକ, ସୁବ୍ରତ ମିଶ୍ର, ଚନ୍ଦ୍ରଶେଖର ନାୟକ ଓ ରମାକାନ୍ତ ମଙ୍ଗରାଜ ଉପସ୍ଥିତ ଥିଲେ। ପାଇ ଓ ଇଷ୍ଟର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ



**ନିଆଳି, ୨୬।୧୨(ସମିସ):** ନିଆଳି ନିକଟସ୍ଥ ନରିଶୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୬ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ବିଦ୍ୟାଳୟ ପରିଚାଳନାର କମିଟିର ଉପସଭାପତି ଘନଶ୍ୟାମ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପୁଷ୍ପାଞ୍ଜଳି ଦ୍ୱିବେଦୀ, ପ୍ରାତଃ ପର୍ଯ୍ୟାୟ କ୍ରୀଡା ପ୍ରମୁଖ ରୋଜାଲିନ୍ ସାହୁ, ଦିବା ପର୍ଯ୍ୟାୟ କ୍ରୀଡା ପ୍ରମୁଖ ସୁରେଖା ସ୍ୱାଇଁଙ୍କ ସମେତ ଆଚାର୍ଯ୍ୟା ବନୀତା ବେହେରା, ମୋନାଲିସା ସ୍ୱାଇଁ, ସୁଶ୍ରୀ ସଙ୍ଗୀତା ସାହୁ, ପ୍ରତିମା ତ୍ରିପାଠୀ, ମନୋସ୍ମିତା ସେନାପତି, ଲକ୍ଷ୍ମୀପ୍ରିୟା ବେହେରା, ଶୁଭସ୍ମିତା ସେଠୀ, ସେବିକା କୁନ୍ତଳା ବେହେରା ସହଯୋଗ କରିଥିଲେ।

## କଲେଜରେ ଆନ୍ତଃବିଭାଗୀୟ ଆଲୋଚନାଚକ୍ର





**ନିଶ୍ଚିନ୍ତକୋଇଲି, ୨୬।୧୨(ସମିସ):** ନିଶ୍ଚିନ୍ତକୋଇଲିସ୍ଥିତ ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଅର୍ଥନୀତି ଓ ସମାଜ ବିଜ୍ଞାନ ବିଭାଗର ଆଭ୍ୟନ୍ତରୀଣ ଗୁଣାବତା ନିଶ୍ଚିନ୍ତକରଣ କକ୍ଷର (ଆଇକ୍ୟୁଏସି) ମିଳିତ ଆନୁକୂଲ୍ୟରେ ଆନ୍ତଃବିଭାଗୀୟ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବିକାଶ ଓ ସାମାଜିକ ପରିବର୍ତ୍ତନ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ତରୁଲତା ଦେବୀ ଯୋଗ ଦେଇଥିଲେ। ଏଥିରେ ବିଭାଗୀୟ ଅଧ୍ୟାପକ ଡ. ପ୍ରସନ୍ନ ଦାସ ଓ ସମାଜବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ଅମିରିଶି ସ୍ୱାଇଁ, ଭିତ୍ତି ନିବନ୍ଧ ଉପସ୍ଥାପନା କରିଥିଲେ। ସମାଜବିଜ୍ଞାନର ଅଧ୍ୟାପିକା ଆଲିଆ ଜାବୀନ୍ ମୁସ୍ତାଫା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ଛାତ୍ରୀ ମୋନାଲିକା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ଅର୍ଥନୈତିଜ୍ଞ ଡ. ସନ୍ତୋଷ ମହାପାତ୍ର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ବିଭାଗ ପ୍ରଫେସର ଡ. ମନୋସ୍ମିତା ମହାପାତ୍ର, ଅର୍ଥନୈତିକ ବିକାଶ ଓ ସାମାଜିକ ପରିବର୍ତ୍ତନର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଶୈକ୍ଷିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ ଭାରତୀ, ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଅଲେଖଚନ୍ଦ୍ର ସାମଲ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ପ୍ରିୟଦର୍ଶିନୀ ସାହୁ ଧନ୍ୟବାଦ ଦେଇଥିଲେ।

## ଶିବଶଙ୍କର ସ୍ମାରକୀ କ୍ରିକେଟ: ବଡ଼ମ୍ବା ବିଜୟୀ



**ଆଠଗଡ଼, ୨୬।୧୨(ସମିସ):** ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଠଗଡ଼ ଷ୍ଟାଡିୟମଠାରେ ଅନୁଷ୍ଠିତ ୨ୟ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ବଡମ୍ବା କ୍ରିକେଟ କ୍ଲବ ତିଗିରିଆର ବିନ୍ଧାଣିମା କ୍ରିକେଟ କ୍ଲବକୁ ୧୦୨ ରନରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରି ବଡମ୍ବା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୫୮ ରନ କରିଥିଲା। ଏହାର ଜବାବରେ ବିନ୍ଧାଣିମା ଦଳ ୧୯.୩ ଓଭରରେ ମାତ୍ର ୧୫୬ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ। ସମସ୍ତ ବିଭାଗରେ ଉତ୍ତମ ପ୍ରଦର୍ଶନ ପାଇଁ ବଡ଼ମ୍ବା ଦଳର ପ୍ରତୀକଙ୍କୁ ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ମୁଖ୍ୟଅତିଥିଭାବେ ଯୋଗଦେଇ ସାମ୍ବାଦିକ ଯଶୋବନ୍ତ ବାରିକ, କାଉନସିଲର ଅଶୋକ ବାରିକ ଓ ଶାରଦା ହୋତା ପ୍ରମୁଖ ଖେଳାଳୀଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବଣ୍ଟନ କରିଥିଲେ। ଆଜିର ମ୍ୟାଚକୁ ଅମ୍ପାୟର ଭାବେ ଅରୁଣ ପ୍ରଧାନ ଓ ସୁବ୍ରତ ପଲ ଖେଳ ପରିଚାଳନା କରିଥିଲେ।

## ନବପ୍ରଭାତ ଆଇଟିଆଇର ବାର୍ଷିକ ଉତ୍ସବ




**ସାଲେପୁର, ୨୬।୧୨(ସମିସ):** ସାଲେପୁର ନବପ୍ରଭାତ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ସ୍ୱାଗତ ସମ୍ବର୍ଦ୍ଧନା ଓ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷା ଡଃ ମୋନାଲିସା ନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମକୁ ସାଲେପୁର ଆଦର୍ଶଥାନାର ଅଧିକାରିଣୀ ଅନିତା ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ମାନଗୋବିନ୍ଦ ପଣ୍ଡା, ସାମ୍ବାଦିକ ହୃଷିକେଶ ମଲ୍ଲିକ ଓ ସାଲେପୁର ଥାନାର ଆସିଷ୍ଟାଣ୍ଟ୍ ସବ୍‌ଇନସ୍ପେକ୍ଟର ନୀଳମାଧବ ପଣ୍ଡା, ବରିଷ୍ଠ ଅଧ୍ୟାପକ ହିମାଂଶୁ ମୋହନ ବାରିକ ଯୋଗ ଦେଇଥିଲେ। ଅନୁଷ୍ଠାନର ଡାଇରେକ୍ଟର ଅରୁଣଜିତ୍ ମହାରଣା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁବାସଚନ୍ଦ୍ର ସାହୁ, ଜିତେନ୍ଦ୍ର ଜେନା, ବ୍ରାହ୍ମୀ କରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ।

## ସାଇ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ନିଶ୍ଚିନ୍ତକୋଇଲି, ୨୬।୧୨(ସମିସ):** କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱ କେନ୍ଦୁପାଟଣା ଛକ ଛତ୍ର କଣ୍ଟା ବଜାରରେ ଥିବା ସାଇ ଶିକ୍ଷାକେନ୍ଦ୍ରରେ ବିଭିନ୍ନ କୃତୀ ବିଦ୍ୟାର୍ଥୀଙ୍କ ପାଇଁ ଏକ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଛି। ଶିକ୍ଷାକେନ୍ଦ୍ରର ପୃଷ୍ଠପୋଷକ ବିଚିତ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀ ଏବଂ ପ୍ରତ୍ୟେକ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷାବିତ୍ ବସନ୍ତ ବିହାରୀ କରଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରାଦୋ ସରପଞ୍ଚ ଦୀପ୍ତିମୟୀ ବରାଳ, ମୁଖ୍ୟବକ୍ତା ଭାବେ ଶିକ୍ଷକ ସୀତାକାନ୍ତ ସାମଲ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ସୀମା ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ଶତପଥୀ, ଅଭୟ ଦାସ, ରାଧାମୋହନ ଦାଶ, ସନ୍ତୋଷ ପ୍ରହରାଜ, ତୃପ୍ତିରଞ୍ଜନ ସାହୁ, ସୋନାଲୀ ପାତ୍ର, ରାଜଶ୍ରୀ ପୃଷ୍ଟି, ରଶ୍ମିରେଖା ଦାସ, ପ୍ରକାଶ ସାହୁ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ବାଳକ ତାପସ ସେଠୀ, ବାଳିକା ମଧୁସ୍ମିତା ସାହୁ, କନିଷ୍ଠ ବିଭାଗରେ ବାଳକ ସାଇ ଶୁଭମ୍ ସାହୁ, ବାଳିକା ବିଦ୍ୟୁସ୍ମିତା ସାହୁ ଚାମ୍ପିଅନ ପୁରସ୍କାର ପାଇଥିଲେ। ମହେଶ ନାୟକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ନିଶ୍ଚିନ୍ତକୋଇଲି, ୨୬।୧୨(ସମିସ):** ଶିକ୍ଷା ବିକାଶ ସମିତି ନିର୍ଦ୍ଦେଶକ୍ରମେ ବିଦ୍ୟାଭାରତୀ ଦ୍ୱାରା ପରିଚାଳିତ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ପ୍ରଧାନଆଚାର୍ଯ୍ୟ ମୀନକେତନ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ପରିଚାଳନା କମିଟି ସଭାପତି ଦୀପାଞ୍ଜଳି ମିଶ୍ର ମାଆମାନଙ୍କୁ କୁଟୁମ୍ବ ପ୍ରବୋଧନ ପର୍ଯ୍ୟାବରଣ ତଥା ରାଷ୍ଟ୍ର ଗଠନରେ ମାଆମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତିର ଯୁଗ୍ମ ସମ୍ପାଦିକା ବିଦ୍ୟୁଲତା ପଣ୍ଡା, ନମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସମାଜସେବୀ ତଥା ସୁଗୃହିଣୀ ହରପ୍ରିୟା ବେହେରା ଏବଂ ଅବସରପ୍ରାପ୍ତ ସେବିକା ଲକ୍ଷ୍ମୀପ୍ରିୟା ସାହୁଙ୍କୁ ବିଶିଷ୍ଟ ମାଆ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଶତାଧିକ ମାଆମାନେ ଯୋଗଦେଇଥିଲେ। ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା ଓ ପରିଚାଳନା କମିଟିର ସମସ୍ତ ସଦସ୍ୟସଦସ୍ୟା ଯୋଗଦାନ କରିଥିଲେ। ଏଲିନା ଗୁରୁମା ଧନ୍ୟବାଦ ଦେଇଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଚୌଦ୍ୱାର, ୨୬।୧୨(ସମିସ):** ଆଠଗଡ଼ ବ୍ଲକ ଧୁରୁଷିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ହୃଦାନନ୍ଦ ସାମଲଙ୍କ ଧର୍ମପତ୍ନୀ ଖୁଲଣା ସମାଲଙ୍କର ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ବୁଧବାର ରାତିରେ ହଠାତ୍ ହୃଦ୍‌ଘାତ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ନିଆ ଯାଇଥିଲେ ହେଁ ରାସ୍ତାରେ ତାଙ୍କର



ମୃତ୍ୟୁ ଘଟିଥିଲା। ସେ ଜଣେ ମିଷ୍ଟଭାଷୀ, ମେଳାପୀ ଓ ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ମୃତ୍ୟୁଖବର ପାଇ ଜିଲ୍ଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ଲକ୍ଷ୍ମୀଧର ସାମନ୍ତରାୟ, ବାବୁରାମ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶ୍ରୀକର ଜେନା, ପ୍ରମୋଦ ସ୍ୱାଇଁ, ଶକ୍ତିକାନ୍ତ ସାହୁ, ଦିଲ୍ଲୀପ ଛତାର, ନରେନ୍ଦ୍ର ସାହୁଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ସତ୍କାର କରାଯାଇଥିଲା। ପୁତ୍ର ରଞ୍ଜିତ ମୁଖାଗ୍ନି ଦେଇଥିଲେ।

## ମା’ ବଡ଼ବନ୍ଧିଆଣୀଙ୍କ ମକର ମେଳା ପ୍ରସ୍ତୁତି ବୈଠକ



**ତିଗିରିଆ, ୨୬।୧୨(ସମିସ)**

ତିଗିରିଆ ଓ ବାଙ୍କୀ ବ୍ଲକର ମଧ୍ୟସ୍ଥଳରେ ଅବସ୍ଥିତ ମା’ ବଡ଼ବନ୍ଧିଆଣୀଙ୍କ ପ୍ରସିଦ୍ଧ ମକର ମେଳା ଆସନ୍ତା ଜାନୁୟାରୀ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ମା’ଙ୍କ ପୀଠ ପରିସରରେ ଅନୁଷ୍ଠିତ ହେବ। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଆଜି ମା’ଙ୍କ ପୀଠରେ ତିଗିରିଆ ତହସିଲଦାର ତଥା ଯାତ୍ରା କମିଟିର ଅଧ୍ୟକ୍ଷ ଅକ୍ଷୟ ପରିଡ଼ାଙ୍କ ପୌରୋହିତ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଥାନା ଆଇଆଇସି ଦିଲୀପ ମର୍ଦ୍ଦରାଜ ଭୂୟାଁ, ତିଗିରିଆ ଥାନା ଅଧିକାରୀ ପ୍ରିୟଦର୍ଶିନୀ ଇପ୍ସିତା, ଏଏସଆଇ ବିକାଶ ରଞ୍ଜନ ବିଶ୍ୱାଳ, ତିଗିରିଆ ବ୍ଲକ ଏବିଡିଓ ଯାଜ୍ଞସିନୀ ଗୋଚ୍ଛାୟତ, ତିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ତିଗିରିଆ ବ୍ଲକ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ରାଉତ, ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସଂଖ୍ୟାନ ସହାୟକ ମନମୋହନ ଦାଶ, ତିଗିରିଆ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଶିବାନୀ ଶଙ୍କର ବସ୍ତିଆ, ଶିକ୍ଷାବିତ ପ୍ରଭାତ ପଣ୍ଡା, ଯାତ୍ରା କମିଟିର ସଭାପତି ଦେବରାଜ ପ୍ରଧାନ, ସମ୍ପାଦକ ଦିଲୀପ ପ୍ରଧାନ, ଉପ ସଭାପତି ଅନୀଲ ଜେନା, କୋଷାଧ୍ୟକ୍ଷ ଲିଙ୍ଗରାଜ ପ୍ରଧାନ, ଉପଦେଷ୍ଟା ଦୁର୍ଯ୍ୟୋଧନ ବସ୍ତି ଓ ପ୍ରମୋଦ ଖଟୁଆ, ଅଡିଟର ନିରଞ୍ଜନ ବସ୍ତି, ଭାଗ୍ୟଧର ଗଣ୍ଡିଆ, କୈଳାସ ବେହେରା, ସଦସ୍ୟ ଗଣେଶ୍ୱର ସେଠୀ, ଚକ୍ରଧର ପ୍ରଧାନ, ଜାପାନୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଅଧିକାରୀମାନେ ଯାତ୍ରାକୁ ଶୃଙ୍ଖଳିତ କରିବା ଦିଗରେ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ଯାତ୍ରା କମିଟିର ଅନ୍ୟାନ୍ୟ ସଦସ୍ୟ, ସ୍ଥାନୀୟ ଜନସାଧାରଣ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କଳପଡ଼ା ପଞ୍ଚାୟତ କପ୍: ସାଇରାମ୍ ମର୍ଣ୍ଣିଂ ଚାମ୍ପିଅନ

**କନ୍ଦରପୁର, ୨୬।୧୨(ସମିସ):** ଗୁରୁବାର ବଡ଼ଦିନରେ କଟକ ସଦର ଅନ୍ତର୍ଗତ ଦେଉଳି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ୮ମ କଳପଡ଼ା ପଞ୍ଚାୟତ ଫୁଟବଲ ଟୁର୍ଣ୍ଣାମେଣ୍ଟ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟ ସଭାପତି ସମାଜସେବୀ ଶିକ୍ଷାବିତ ପ୍ରଫେସର ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଆୟୋଜକ କଳପଡ଼ା ଟିମକୁ କଟକ ସାଇରାମ୍ ମର୍ଣ୍ଣିଂ ଟିମ୍ ୧-୦ରେ ହରାଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ସଭାରେ ଫାଓ କୋଷାଧ୍ୟକ୍ଷ ତଥା ଅବସରପ୍ରାପ୍ତ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଭକ୍ତ ବଲ୍ଲଭ ଦାସ, କ୍ରୀଡ଼ା ସଂଗଠକ ତଥା ସିନେ ତାରକା ଡ. ଅନଙ୍ଗ ମୋହନ ଦ୍ୱିବେଦୀ, ସନ୍ତୋଷ ଟ୍ରଫି ଚୟନକର୍ତ୍ତା ମାନସ ରଞ୍ଜନ ସାମଲ, ଫାଓ ଉପସଭାପତି ମହମ୍ମଦ ସହିଦ୍ ଜବାର,




ଓଡ଼ିଆ ସିନେ ଅଭିନେତ୍ରୀ ଭୂମିକା ଦାସ ପ୍ରମୁଖ ଯୋଗଦେଇ ବିଜେତା ଟିମକୁ ଟ୍ରଫି ସହିତ ୨୫ ହଜାର ଅର୍ଥ ରାଶି ଓ ଉପ ବିଜେତା ଟିମକୁ ଟ୍ରଫି ସହିତ ୨୦ ହଜାର ଅର୍ଥ ରାଶି ପ୍ରଦାନ କରିଥିଲେ। ପରିଚାଳନାରେ କଳପଡ଼ା ସରପଞ୍ଚ ସବିତା ମାଝୀ, ସମିତିସଭ୍ୟା ପିଙ୍କି ଭୋଇଙ୍କ ସମେତ ବିଜୟ ନାୟକ, ଅଭିମନ୍ୟୁ ସାହୁ, ଅମିତାଭ ମହାପାତ୍ର, ସୁଦର୍ଶନ ଜେନା, ପ୍ରକାଶ ମାଝୀ, ସୁନୀଲ ମୁଦୁଲି, ସର୍ବେଶ୍ୱର ସ୍ୱାଇଁ, ସରୋଜ ସାସମଲ ପ୍ରମୁଖ ସହାୟତା କରିଥିଲେ।

